# NATIONAL NEWS BULLETIN (ODIA)

**20 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଦେଶରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ପ୍ରକ୍ରିୟା ଜାରି ।
- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କଲେ ପ୍ରଚାର ।
- ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ବଦଳରେ ପ୍ରଣିତ ତିନୋଟି ନୂତନ ଆଇନକୁ ବିରୋଧ କରି ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ମନାକଲେ ସୁପ୍ରିମକୋର୍ଟ ।
- ଉତ୍ତର-ପଶ୍ଚିମ ଇରାନରେ ହୋଇଥିବା ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କର ମୃତ୍ୟୁ ।

ଏବଂ

- ତାଇୱାନର ନୂତନ ରାଷ୍ଟ୍ରପତି ଭାବେ ଶପଥ ନେଲେ ଲାଇ ଚିଙ୍ଗ-ତେ ।

## ପୋଲିଙ୍ଗ୍ - ଫିଫ୍ଥ ଫେଜ୍

ଦେଶରେ ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୬ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଆସନ ନିମନ୍ତେ ମତଦାନ ଚାଲିଛି । ଭୋଟ୍‌ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ସନ୍ଧ୍ୟା ୬ଟା

ପର୍ଯ୍ୟନ୍ତ ଚାଲିବ । ଏହି ପର୍ଯ୍ୟାୟରେ ମତଦାନ ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ଓଡ଼ିଶା ଓ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି ଏବଂ ଜମ୍ମୁ-କାଶ୍ମୀର ଓ ଲଦାଖ୍ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲେଖାଏଁ ଆସନ ରହିଛି । ମିଳିଥିବା ସୂଚନା ଅନୁଯାୟୀ ମଧ୍ୟାହ୍ନ ୧୨ଟା ସୁଦ୍ଧା ହାରାହାରି ୨୪ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗରେ ପ୍ରାୟ ୩୩ ପ୍ରତିଶତ, ଉତ୍ତରପ୍ରଦେଶରେ ପ୍ରାୟ ୨୮ ପ୍ରତିଶତ, ଝାଡ଼ଖଣ୍ଡରେ ପ୍ରାୟ ୩୬ ପ୍ରତିଶତ, ଲଦାଖରେ ୨୮ ପ୍ରତିଶତ, ଜାମ୍ମୁ କାଶ୍ମୀର, ଓଡ଼ିଶା ଏବଂ ବିହାରରେ ୨୧ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ମହାରାଷ୍ଟ୍ରରେ ପ୍ରାୟ ୧୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଏହି ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ବି.ଜେ.ପି. ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ପୀୟୁଷ ଗୋୟଲ୍ ଓ ସ୍ମୃତି ଇରାନୀ, କଂଗ୍ରେସ ନେତା ରାହୁଲ୍ ଗାନ୍ଧି ଓ କେ.ଏଲ୍. ଶର୍ମା, ନ୍ୟାସନାଲ୍ କନ୍‌ଫରେନ୍ସର ଓମାର ଅବଦୁଲ୍ଲା ଏବଂ ଏଲ୍.ଜେ.ପି. (ରାମବିଳାସ) ଦଳର ଚିରାଗ ପାଶ୍ୱାନ୍ ରହିଛନ୍ତି । ଏହି ପର୍ଯ୍ୟାୟରେ ଓଡ଼ିଶାର ୫ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ଲାଗି ମତଦାନ ଜାରି ରହିଛି। ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କାରେ ମତଦାନ ଚାଲିଛି।

## ପ୍ରଚାର

ଦେଶରେ ଷଷ୍ଠ ଏବଂ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ପ୍ରଚାର ଜୋରସୋର୍‌ରେ ଚାଲିଛି । ଆସନ୍ତା ୨୫ ତାରିଖରେ ଷଷ୍ଠ ପର୍ଯ୍ୟାୟ ଏବଂ ଜୁନ୍ ପହିଲାରେ ସପ୍ତମ ପର୍ଯ୍ୟାୟ ମତଦାନ ହେବ । ବିଭିନ୍ନ

ରାଜନୈତିକ ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ପ୍ରଚାରକୁ ତ୍ୱରାନ୍ୱିତ କରାଯାଇଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାରେ ବିଭିନ୍ନ ନିର୍ବାଚନୀ ସଭାରେ ଯୋଗଦେଇଥିଲେ । ବିଜେପିର ବରିଷ୍ଠ ନେତା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ବହୁଜନ ସମାଜବାଦୀ ପାର୍ଟି ମୁଖ୍ୟ ମାୟାବତୀ ନିର୍ବାଚନୀ ସଭାଗୁଡ଼ିକରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ସେହିଭଳି ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭା ଓ ରୋଡ୍‌ଶୋ'ରେ ଭାଗ ନେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

## ପ୍ରଧାନମନ୍ତ୍ରୀ-ଓଡ଼ିଶା

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ଗୋଟିଏ ରୋଡ୍‌ଶୋ' ଏବଂ ଦୁଇଟି ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ସକାଳୁ ଭୁବନେଶ୍ୱର ରାଜଭବନରୁ ବାହାରି ପୁରୀ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ଶ୍ରୀଜୀଉଙ୍କୁ ଦର୍ଶନ କରିସାରିବା ପରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିଥିଲେ । ଏହା ପରେ ପ୍ରଧାନମନ୍ତ୍ରୀ ଅନୁଗୁଳରେ ପହଞ୍ଚି ଏକ ସାଧାରଣ ସଭାକୁ ସମ୍ବୋଧନ କରିଥିଲେ। ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶା ପ୍ରାକୃତିକ

ସମ୍ପଦରେ ସମୃଦ୍ଧ ହୋଇଥିଲେ ମଧ ରାଜ୍ୟବାସୀ ଏବେ ମଧ୍ୟ ଦାରିଦ୍ର୍ୟର ଶିକାର ହେଉଛନ୍ତି।

ଏହା ପରେ ପ୍ରଧାନମନ୍ତ୍ରୀ କଟକରେ ଅନୁଷ୍ଠିତ ଏକ ଜନସମାବେଶକୁ ସମ୍ବୋଧନ କରି ସେ କହିଛନ୍ତି ବିଜେପି ତା'ର ପ୍ରତିଶ୍ରୁତିକୁ ସବୁବେଳେ ପାଳନ କରିଥାଏ । ଓଡ଼ିଶାରେ ବିକାଶର ଗତିକୁ ଅଧିକ ତ୍ୱରାନ୍ୱିତ କରିବାକୁ ହେଲେ ଡବଲ୍ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି । ଏହି ଅବସରରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ ।

ଏହା ପରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ କେତେକ ନିର୍ବାଚନୀ ସଭାରେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ବିହାର

ଶ୍ରୀ ମୋଦୀ ନିର୍ବାଚନୀ ପ୍ରଚାର ପାଇଁ ଆଜିଠାରୁ ଦୁଇ ଦିନିଆ ବିହାର ଗସ୍ତ କରିବେ । ଆଜି ସନ୍ଧ୍ୟାରେ ପାଟନାରେ ପହଞ୍ଚିବା ପରେ ରାଜେନ୍ଦ୍ର ନଗରରେ ଥିବା ସ୍ୱର୍ଗତ ବରିଷ୍ଠ ବିଜେପି ନେତା ସୁଶୀଲ କୁମାର ମୋଦୀଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ମୋଦୀ ପାଟନାସ୍ଥିତ ବିଜେପି ରାଜ୍ୟ ମୁଖ୍ୟାଳୟ ପରିଦର୍ଶନ କରି ଦଳୀୟ କର୍ମକର୍ତ୍ତାମାନଙ୍କ ସହ ବୈଠକରେ ଆଲୋଚନା କରିବେ ।

## ପ୍ରଧାନମନ୍ତ୍ରୀ – ସାକ୍ଷାତକାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ବିଆର ଆମ୍ବେଦକର ଏବଂ ସମ୍ବିଧାନ ସଭାର

ସଦସ୍ୟମାନଙ୍କ ପ୍ରତି ତାଙ୍କର ଅତ୍ୟନ୍ତ ସମ୍ମାନ ରହିଛି । ସମ୍ବିଧାନ ହିଁ ସରକାର ଚଳାଇବାର ମାର୍ଗଦର୍ଶିକା ବୋଲି ସେ କହିଛନ୍ତି। ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ବେଙ୍ଗଲ ଓ ପୂର୍ବ ଉତ୍ତରପ୍ରଦେଶ ଭଳି ପୂର୍ବ ଭାଗ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଭାରତର ନାରୀ ଶକ୍ତିର ସାମର୍ଥ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ଅର୍ଥନୀତିକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବାର ସାମର୍ଥ୍ୟ ତାଙ୍କ ପାଖରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ଇରାନ ହେଲିକପ୍ଟର ଦୁର୍ଘଟଣା

ଉତ୍ତର-ପଶ୍ଚିମ ଇରାନରେ ହୋଇଥିବା ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ ରଇସି, ବୈଦେଶିକ ମନ୍ତ୍ରୀ ହୁସେନ ଅମୀର-ଅବଦୁଲାହିଆନ ଏବଂ ସେମାନଙ୍କ ସହ ଥିବା ଅନ୍ୟାନ୍ୟ ଅଧିକାରୀଙ୍କର ମୃତ୍ୟୁ ହୋଇଛି। ଇରାନ୍ ରେଡ୍ କ୍ରିସେଣ୍ଟ ସୋସାଇଟିର ସଭାପତି ଏକ ସମ୍ବାଦ ସରବରାହ ସଂସ୍ଥାକୁ କହିଛନ୍ତି ଯେ ହେଲିକପ୍ଟରର ଭଗ୍ନାବଶେଷ ମିଳିଛି ଏବଂ ଦୁର୍ଘଟଣାରେ କେହି ବଞ୍ଚିଥିବାର ସୂଚନା ନାହିଁ । ଗତକାଲି ଅପରାହ୍ନରେ ହେଲିକପ୍ଟରଟି ଦେଶର ଉତ୍ତରାଞ୍ଚଳରେ ପ୍ରବଳ କୁହୁଡ଼ି ଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାଷ୍ଟ୍ରପତି ରଇସି ଆଜରବାଇଜାନ ଗସ୍ତ ସାରି ଇରାନ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ପ୍ରଧାନମନ୍ତ୍ରୀ – ଇରାନ ରାଷ୍ଟ୍ରପତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତିଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଭାରତ-ଇରାନ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ତାଙ୍କର

ଅବଦାନ ସର୍ବଦା ସ୍ମରଣୀୟ ରହିବ । ଏହି ଦୁଃଖଦ ସମୟରେ ଭାରତ' ଇରାନ ସହ ଛିଡ଼ା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସେହିପରି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଗତ ଜାନୁଆରୀ ମାସରେ ସେହି ନେତାମାନଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା ହୋଇଥିଲା ।

## ପ୍ରଧାନମନ୍ତ୍ରୀ- ଭୋଟ୍ ନିବେଦନ

ଦେଶର ନିର୍ବାଚନ ପ୍ରକ୍ରିୟାରେ ମତଦାତାମାନେ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣ କରି ମତଦାନ କରି ରେକର୍ଡ ସୃଷ୍ଟି କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିବେଦନ କରିଛନ୍ତି। ଗଣତନ୍ତ୍ରର ପର୍ବରେ ମହିଳା ଓ ଯୁବ ଭୋଟରଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅନୁରୋଧ କରିଛନ୍ତି।

## ନୋଏଡା: ସ୍କୁଲ ବନ୍ଦ

ଉତ୍ତରପ୍ରଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗାଜିଆବାଦ ଏବଂ ନୋଏଡାରେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରାଯାଇଛି। ନୋଏଡାରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏବଂ ଗାଜିଆବାଦରେ ଆସନ୍ତା ୨୫ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବ ବୋଲି ସେଠାକାର ସରକାର ଘୋଷଣା କରିଛନ୍ତି । । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା- ସିବିଏସ୍ଇ, ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେସନ୍- ଆଇସିଏସ୍ଇ, ଉତ୍ତରପ୍ରଦେଶ ମାଧ୍ୟମିକ ଶିକ୍ଷା ପରିଷଦ- ୟୁପିଏମଏସପି ସମେତ ସମସ୍ତ ଶିକ୍ଷା ବୋର୍ଡକୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲା ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି।

## ତାଇଓ୍ୱାନ ରାଷ୍ଟ୍ରପତି ଶପଥ ଗ୍ରହଣ

ତାଇଓ୍ୱାନର ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି)ର ନେତା ଲାଇ ଚିଙ୍ଗ-ତେ ଆଜି ସେଠାକାର ନୂତନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ତାଇଓ୍ୱାନର ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶପଥ ଗ୍ରହଣ ସମାରୋହରେ ୫୧ଟି ପ୍ରତିନିଧି ମଣ୍ଡଳର ୫୦୦ରୁ ଅଧିକ ବିଦେଶୀ ଅତିଥି ଯୋଗ ଦେଇଥିଲେ ।

ହସିଆଓ ବି-ଖିମ ମଧ୍ୟ ଉପରାଷ୍ଟ୍ରପତି ଭାବେ ଆନୁଷ୍ଠାନିକ ଶପଥ ଗ୍ରହଣ କରିଛନ୍ତି। ସେ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଆମେରିକାରେ ତାଇଓ୍ୱାନର ରାଷ୍ଟ୍ରଦୂତ ଥିଲେ ଏବଂ ପୂର୍ବରୁ ଅନେକ ଥର ଡିପିପି ସାଂସଦ ଭାବରେ କାର୍ଯ୍ୟ କରିଥିଲେ ।

## ଏସସି-ପିଆଇଏଲ

ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟ ବଦଳରେ ନିକଟରେ ପ୍ରଣୟନ ହୋଇଥିବା ତିନୋଟି ଆଇନକୁ ବିରୋଧ କରି ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବେ କହିଥିଲେ ଯେ ଏହି ଆବେଦନ ଖାରଜ ହେବା ଉଚିତ। ଏହି ଆବେଦନର ଶୁଣାଣି ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନିଚ୍ଛା ଅନୁଭବ କରି ଆବେଦନକାରୀ କହିଛନ୍ତି ଯେ ତାଙ୍କୁ ଆବେଦନ ପ୍ରତ୍ୟାହାର କରିବାକୁ ଅନୁମତି ଦିଆଯାଉ। ଏହି ଖଣ୍ଡପୀଠର ଅନ୍ୟତମ ସଦସ୍ୟ ଜଷ୍ଟିସ ପଙ୍କଜ ମିଥାଲ ଶୁଣାଣି ସମୟରେ କହିଛନ୍ତି ଯେ, ଏହି ପିଟିସନ ଅତ୍ୟନ୍ତ ବେପରୁଆ ଢ଼ଙ୍ଗରେ ଦାଖଲ କରାଯାଇଛି।

ଖଣ୍ଡପୀଠଙ୍କ ମତାମତ ପରିପ୍ରେକ୍ଷୀରେ ଆବେଦନକାରୀ ମାମଲାଟିକୁ ପ୍ରତ୍ୟାହାର କରିନେଇଥିଲେ ।